## ପାଠ - ୨୧

# ତଥ୍ୟ ଉପସ୍ଥାପନା

ବିଦ୍ୟାଳୟ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ପ୍ରତ୍ୟେକ ବିଭାଗରେ କି କି କାମ ହେବ ତା'ର ତାଲିକା ତିଆରି କରୁଥିଲେ । ପ୍ରତ୍ୟେକ ବିଭାଗ ସେମାନେ ତିଆରି କରିଥିବା ତାଲିକାକୁ ଶ୍ରେଣୀରେ ଟାଙ୍ଗିଦେଲେ ।

**ସ୍ୱାସ୍ଥ୍ୟ ଓ ପରିମଳ ବିଭାଗ**

* ନଖ, ଦାନ୍ତ ସଫା ତଦାରଖ କରିବା ।
* ବଗିଚା ସଫା ରଖିବା
* ବିଦ୍ୟାଳୟ ହତା ସଫା କରିବା
* କମ୍ପୋଷ୍ଟ ଖାତ ତିଆରି କରିବା
* ଶ୍ରେଣୀ ଝାଡୁ କରିବା
* ଶ୍ରେଣୀରେ ମଇଳାକୁଣ୍ଡର ବ୍ୟବହାର କରିବା

**ଶିକ୍ଷା ବିଭାଗ**

* ପିଲାଙ୍କ ଉପସ୍ଥାନ ନେବା
* ଖାତା ସଂଗ୍ରହ କରିବା
* ଖାତା ବାଣ୍ଟିବା
* ଲାଇବ୍ରେରୀ ବହିକୁ ସଜାଡ଼ି ରଖିବା
* ପିଲା କରିଥିବା ଚିତ୍ରକୁ ଶ୍ରେଣୀରେ ଟାଙ୍ଗିବା
* ଶିକ୍ଷଣ ସାମଗ୍ରୀକୁ ସଜାଡ଼ି ରଖିବା
* ଶ୍ରେଣୀରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା

**ଖାଦ୍ୟ ଓ ବଗିଚା ବିଭାଗ**

* ମଧ୍ୟାହ୍ନ ଭୋଜନ ବେଳେ ଧାଡ଼ିରେ ବସାଇବା
* ମଧ୍ୟାହ୍ନ ଭୋଜନ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା
* ବଗିଚାରେ ଫୁଲଗଛ ଲଗାଇବା
* ପ୍ରତ୍ୟେକ ଶ୍ରେଣୀରେ ପାନୀୟଜଳର ବ୍ୟବସ୍ଥା କରିବା
* ଫୁଲଗଛର ଯତ୍ନ ନେବା

**କ୍ରୀଡା ଓ ସାଂସ୍କୃତିକ ବିଭାଗ**

* ନାଚ, ଗୀତ କାର୍ଯ୍ୟକ୍ରମ ଆୟୋଜନ କରିବା
* ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କରିବା
* ପ୍ରାର୍ଥନା ସଭା ପରିଚାଳନା କରିବା

**ମୀନା ବିଭାଗ**

* ଝିଅମାନଙ୍କୁ ଘରୁ ଡାକି ବିଦ୍ୟାଳୟକୁ ଆଣିବା
* ଝିଅ ପିଲାମାନଙ୍କ ଦ୍ୱାରା ପତ୍ରିକା ତିଆରି କରିବା
* ଝୋଟି ଆଙ୍କି ବିଦ୍ୟାଳୟକୁ ସଜାଇବା
* ବିଶିଷ୍ଟ ମହିଳାଙ୍କ ଫଟୋ ସଂଗ୍ରହ କରିବା

• ପୂର୍ବପୃଷ୍ଠାରେ ଦିଆଯାଇଥିବା ତାଲିକାଗୁଡ଼ିକୁ ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

(କ) ବିଦ୍ୟାଳୟ ମନ୍ତ୍ରୀମଣ୍ଡଳରେ କେତୋଟି ବିଭାଗ ଅଛି ? ସେଗୁଡ଼ିକ କ'ଣ କ'ଣ ?

(ଖ) ପ୍ରତ୍ୟେକ ବିଭାଗର କାର୍ଯ୍ୟ ସଂଖ୍ୟା ନିର୍ଣ୍ଣୟ କରିବା ଲାଗି ତୁମେ ଟାଲି ଚିହ୍ନ ବ୍ୟବହାର କରି ସାରଣୀ ପ୍ରସ୍ତୁତ କର ।


(ଗ) କେଉଁ ବିଭାଗ କେତୋଟି ଲେଖାଏଁ କାର୍ଯ୍ୟ କରିବା ପାଇଁ ତାଲିକା କରିଛନ୍ତି ?

(ଘ) କେଉଁ ବିଭାଗ ସବୁଠାରୁ ଅଧିକ ସଂଖ୍ୟକ କାର୍ଯ୍ୟର ତାଲିକା କରିଛନ୍ତି ?

(ଙ) ପ୍ରତ୍ୟେକ ବିଭାଗରେ ଆଉ କେଉଁ କେଉଁ କାମ କରାଯାଇ ପାରିବ ତାହାର ତାଲିକା ତିଆରି କର ।

ପ୍ରାର୍ଥନାସଭା ଶେଷ ହେବା ପରେ ଶିକ୍ଷା ବିଭାଗର ମନ୍ତ୍ରୀ ପ୍ରତ୍ୟେକ ଶ୍ରେଣୀର ପିଲାମାନଙ୍କର ଉପସ୍ଥାନ ନେଲେ । ପ୍ରତ୍ୟେକ ଶ୍ରେଣୀରେ ଉପସ୍ଥିତ ଥିବା ପିଲାସଂଖ୍ୟାକୁ ସେ କିପରି ସାରଣୀରେ ଦର୍ଶାଇଲେ ତାହା ଲକ୍ଷ୍ୟ କର ।

| ଶ୍ରେଣୀର ନାମ | ଉପସ୍ଥିତ ପିଲାସଂଖ୍ୟା |
|---|---|
| ପ୍ରଥମ ଶ୍ରେଣୀ | ୨୨ |
| ଦ୍ୱିତୀୟ ଶ୍ରେଣୀ | ୧୮ |
| ତୃତୀୟ ଶ୍ରେଣୀ | ୨୩ |
| ଚତୁର୍ଥ ଶ୍ରେଣୀ | ୧୭ |
| ପଞ୍ଚମ ଶ୍ରେଣୀ | ୧୪ |
| ମୋଟ | |



ଆଜି ଦିନରେ ତୁମ ବିଦ୍ୟାଳୟରେ କେଉଁ ଶ୍ରେଣୀରେ କେତେ ଜଣ ପିଲା ଆସିଛନ୍ତି ହିସାବ କର । ତାହାକୁ ଏକ ସାରଣୀରେ ସଜାଅ ।

ଦିନେ ଆଲୋଚନା କରି ମୀନା ବିଭାଗର ସଦସ୍ୟମାନେ ଠିକ୍ କଲେ ଯେ, ବିଦ୍ୟାଳୟର ଝିଅମାନେ କେଉଁ କାମ କରିବାକୁ ପସ କରନ୍ତି ନାମ କହିବାକୁ କୁହାଗଲା । ପ୍ରତ୍ୟେକଙ୍କର ପସନ୍ଦ କାର୍ଯ୍ୟକୁ ହିସାବ କରାଯାଇ ସାରଣୀ ପ୍ରସ୍ତୁତ କରାଗଲା । ଲକ୍ଷ୍ୟକର ।



| କାମର ନାମ | କେତେ ଜଣ ଝିଅଙ୍କୁ ଭଲ ଲାଗେ |
|---|---|
| ଟି.ଭି. ଦେଖିବା | ୮ |
| କ୍ରିକେଟ୍ ଖେଳିବା | ୧୭ |
| ଝୋଟି ପକାଇବା | ୭ |
| ଘରକାମ କରିବା | ୧୦ |
| ଜିନିଷ ପତ୍ର ସଜାଡ଼ିବା | ୧୪ |
| ଗୀତ ଶୁଣିବା | ୬ |



ପୂର୍ବପୃଷ୍ଠାରେ ଦିଆଯାଇଥିବା ସାରଣୀକୁ ଦେଖି ତଳ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

(କ) କେତେ ଜଣ ଝିଅଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଛି ?

(ଖ) କେଉଁ କାମ କରିବାକୁ ଅଧିକ ସଂଖ୍ୟକ ଝିଅ ପସନ୍ଦ କରିଛନ୍ତି ?

(ଗ) କେଉଁ କାମ କରିବାକୁ ସବୁଠାରୁ କମ୍ ସଂଖ୍ୟକ ଝିଅ ପସନ୍ଦ କରିଛନ୍ତି ?

ସାରଣୀରେ ଥିବା ତଥ୍ୟକୁ ଲକ୍ଷ୍ୟ କରି ଆଉ କେତେଗୁଡ଼ିଏ ପ୍ରଶ୍ନ ତିଆରି କର । ତୁମ ଶ୍ରେଣୀରେ ପଢୁଥିବା ପିଲାମାନେ ସାଧାରଣତଃ ଯେଉଁ କାର୍ଯ୍ୟ କରିବାକୁ ଭଲ ପାଆନ୍ତି ଏଭଳି ପାଞ୍ଚଟି କାର୍ଯ୍ୟ ବାଛ । ସେହି କାର୍ଯ୍ୟ କରିବାକୁ ଚାହୁଁଥିବା ପିଲାମାନଙ୍କର ସଂଖ୍ୟା ଗଣି ସାରଣୀଟିଏ ପ୍ରସ୍ତୁତ କର ।

ମନ୍ତ୍ରୀମଣ୍ଡଳର କ୍ରୀଡ଼ା ଓ ସାଂସ୍କୃତିକ ବିଭାଗ ତରଫରୁ ପଞ୍ଚମ ଶ୍ରେଣୀ ପିଲାମାନଙ୍କୁ ନେଇ ନାଟକ ଅଭିନୟ କରିବା ପାଇଁ ଯୋଜନା କରାଗଲା । **'ଯେ ଥାଏ ପର ଉପକାରେ'** ବିଷୟର କଥାବସ୍ତୁକୁ ନେଇ ଶ୍ରେଣୀରେ ନାଟକ ଅଭିନୟ କରାଯିବ । କେଉଁ କାମ ପାଇଁ କେତେଜଣ ଦାୟିତ୍ୱ ନେଲେ ତାହାକୁ ତଳ ସାରଣୀରେ ଦିଆଯାଇଛି ।





**ଡ୍ରାମା ସାରଣୀ**

| କାର୍ଯ୍ୟର ନାମ | ପିଲା ସଂଖ୍ୟା |
|---|---|
| ଅଭିନୟ | ୬ |
| ବାଜା ବଜାଇବା | ୪ |
| ମଞ୍ଚ ପ୍ରସ୍ତୁତ କରିବା | ୫ |
| ପୋଷାକପତ୍ର ଯୋଗାଡ଼ କରିବା | ୩ |
| ଶାନ୍ତିଶୃଙ୍ଖଳା ରକ୍ଷା କରିବା | ୨ |







ଉପରେ ଦିଆଯାଇଥିବା ସାରଣୀକୁ ଲକ୍ଷ୍ୟ କରି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) କେଉଁ କାର୍ଯ୍ୟ ପାଇଁ କେତେ ଜଣ ପିଲା ଦାୟିତ୍ୱ ନେଇଛନ୍ତି ?


(ଖ) ମୋଟ କେତେ ଜଣ ପିଲା ଭିନ୍ନ ଭିନ୍ନ ଦାୟିତ୍ୱ ନେଇଛନ୍ତି ?

(ଗ) ଅଧିକ ସଂଖ୍ୟକ ପିଲା କେଉଁ କାମ ପାଇଁ ଦାୟିତ୍ୱ ନେଇଛନ୍ତି ?

(ଘ) କେଉଁ କାମ ପାଇଁ କମ୍ ସଂଖ୍ୟକ ପିଲା ଦାୟିତ୍ୱ ନେଇଛନ୍ତି ?

(ଙ) ସାରଣୀରେ ଦିଆଯାଇଥିବା ତଥ୍ୟକୁ ଚିତ୍ରଲେଖରେ ପ୍ରକାଶ କରାଯାଇପାରିବ କି ? କିପରି ?

ଡ୍ରାମା ସାରଣୀରେ ଥିବା ତଥ୍ୟକୁ ନେଇ ଶିକ୍ଷା ବିଭାଗର ମନ୍ତ୍ରୀ ଏକ ସ୍ତମ୍ଭଲେଖ କରି ଶ୍ରେଣୀରେ ଟାଙ୍ଗିଲେ । ଏହାକୁ ସେ କିପରି ତିଆରି କରିଥିଲେ ଆସ ଦେଖିବା ।




ଲକ୍ଷ୍ୟ କର-

- ଏହି ସ୍ତମ୍ଭଲେଖର ଏକ ନାମ ରହିଛି, ଏଠାରେ ସ୍ତମ୍ଭଲେଖର ନାମ ହେଉଛି (ଡ୍ରାମା ପାଇଁ କାର୍ଯ୍ୟ ବଣ୍ଟନ ସାରଣୀ) ।
- ପାଞ୍ଚ ପ୍ରକାରର କାମ ପାଇଁ ସେ ୫ଟି ଅଲଗା ଅଲଗା ସ୍ତମ୍ଭ ତିଆରି କରାଯାଇଛି ।
- ଦୁଇଟି ପାଖାପାଖି ଥିବା ସ୍ତମ୍ଭ ମଧ୍ୟରେ ଖାଲି ସ୍ଥାନ ରହିଛି ।
- ଅଭିନୟ କାର୍ଯ୍ୟରେ ୬ ଜଣ ପିଲା ଦାୟିତ୍ୱରେ ଥିବାରୁ ସ୍ତମ୍ଭଟି ୬ ସଂଖ୍ୟା ପର୍ଯ୍ୟନ୍ତ ଉଚ୍ଚା ହୋଇଛି ।
- ସେହିପରି ବାଜା ବଜାଇବା ପାଇଁ ୪ ଜଣ ଦାୟିତ୍ୱ ନେଇଥିବାରୁ ସେହି ସ୍ତମ୍ଭଟି ୪ ସଂଖ୍ୟା ପର୍ଯ୍ୟନ୍ତ ଉଚ୍ଚତା ହୋଇଛି ।
- ଏହି ସ୍ତମ୍ଭଲେଖରୁ ତୁମେ ଆଉ କ'ଣ ସବୁ ଲକ୍ଷ୍ୟ କରୁଛ ଲେଖ ।

____________________________________________

____________________________________________

ଖାଦ୍ୟ ଓ ବଗିଚା ବିଭାଗର ସଦସ୍ୟମାନେ ବିଦ୍ୟାଳୟ ବଗିଚାରେ କେଉଁ ମାସରେ କେତୋଟି ଫୁଲଗଛ ଲଗାଇଥିଲେ ତାର ଏକ ତାଲିକା ପ୍ରସ୍ତୁତ କରିଥିଲେ । ସେହି ତାଲିକାକୁ ଲକ୍ଷ୍ୟ କରି ସେମାନେ ସ୍ତମ୍ଭଲେଖ ତିଆରି କଲେ ।






ଲକ୍ଷ୍ୟକର, ଏହି ସ୍ତମ୍ଭଲେଖରେ ମାସଗୁଡ଼ିକର ନାମକୁ ଭୂ-ସମାନ୍ତର ଅକ୍ଷରେ ସୂଚିତ କରାଯାଇଛି ଓ ଭୂ-ଲମ୍ବ ଅକ୍ଷରେ ଫୁଲଗ... ସଂଖ୍ୟାକୁ ଦେଖାଯାଇଛି ।

ଗୋଟିଏ ସ୍ତମ୍ଭଲେଖରେ ଥିବା ପ୍ରତ୍ୟେକ ସ୍ତମ୍ଭର ଓସାର ସମାନ । ଫୁଲଗଛର ସଂଖ୍ୟାକୁ ନେଇ ସ୍ତମ୍ଭର ଉଚ୍ଚତା ଅଲଗା ଅଲଗା ହେଉଛି । ସ୍ତମ୍ଭର ଓସାର କେତେ ହେବ ଓ ଦୁଇଟି ପାଖାପାଖି ସ୍ତମ୍ଭ ମଧ୍ୟରେ ଦୂରତା କେତେ ହେବ ତାହା ତୁମ ଉପରେ ନିର୍ଭର କରେ । କିନ୍ତୁ ମନେରଖିବାକୁ ହେବ ଯେ ଦୁଇଟି ପାଖାପାଖି ଥିବା ସ୍ତମ୍ଭ ମଧ୍ୟରେ ଖାଲିସ୍ଥାନର ଦୂରତା ସବୁବେଳେ ସମାନ ରହିବ ।

ଏହି ସ୍ତମ୍ଭଲେଖରୁ ତୁମେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) କେତୋଟି ମାସର ଲଗାଯାଇଥିବା ଫୁଲଗଛ ସଂଖ୍ୟା ଦିଆଯାଇଛି ?

(ଖ) କେଉଁ ମାସରେ କେତୋଟି ଲେଖାଏଁ ଫୁଲଗଛ ଲଗାଯାଇଛି ?

(ଗ) କେଉଁ ମାସରେ କେତୋଟି ଫୁଲଗଛ ଲାଗିଥିଲା ତାହା ତୁମେ କିପରି ଜାଣିପାରିଲ ?

(ଘ) କେଉଁ ମାସରେ ସବୁଠାରୁ ଅଧିକ ସଂଖ୍ୟକ ଫୁଲଗଛ ଲଗାଯାଇଛି ?

(ଙ) କେଉଁ ମାସରେ ସବୁଠାରୁ କମ୍ ସଂଖ୍ୟକ ଫୁଲଗଛ ଲଗାଯାଇଛି ?

(ଚ) ଉପରୋକ୍ତ ସ୍ତମ୍ଭଲେଖର ତଥ୍ୟକୁ ନେଇ ଗୋଟିଏ ଚିତ୍ରଲେଖ ପ୍ରସ୍ତୁତ ତିଆରି କର ।

''ଫୁଲଗଛ ରୋପଣ'' ନାମକ ସ୍ତମ୍ଭଲେଖକୁ ମଧ୍ୟ ଆଉ ଏକ ଉପାୟରେ ତିଆରି କରାଯାଇପାରିବ । ତାହାକୁ ଲକ୍ଷ୍ୟ କର ।




(କ) ଉଭୟ ସ୍ତମ୍ଭଲେଖ ମଧ୍ୟରେ କ'ଣ ଭିନ୍ନତା ଅଛି ?


(ଖ) ଉଭୟ ସ୍ତମ୍ଭଲେଖରୁ ସମାନ ତଥ୍ୟ ମିଳୁଛି କି ?


(ଗ) କେଉଁ ସ୍ତମ୍ଭଲେଖଟି ପ୍ରସ୍ତୁତ କରିବା ତୁମ ପାଇଁ ସୁବିଧାଜନକ ? କାହିଁକି ?

ତୁମର ପାଞ୍ଚଜଣ ସାଙ୍ଗଙ୍କର କେତୋଟି ଲେଖାଏଁ ସାର୍ଟ/ଫ୍ରକ୍ ଅଛି ବୁଝ । ଫ୍ରକ୍ / ସାର୍ଟ ସଂଖ୍ୟାକୁ ସ୍ତମ୍ଭଲେଖରେ ପ୍ରକାଶ କର ।

## ଅଭ୍ୟାସ

୧. ଧବଳ ଚତୁର୍ଥ ଶ୍ରେଣୀରେ ବିଭିନ୍ନ ଏକକ ପରୀକ୍ଷଣରେ ଗଣିତ ଓ ବିଜ୍ଞାନରେ ରଖିଥିବା ନମ୍ବରକୁ ସ୍ତମ୍ଭଲେଖ ଦର୍ଶାଯାଇଛି ।




ସ୍ତମ୍ଭଲେଖକୁ ଲକ୍ଷ୍ୟ କରି ନିମ୍ନ ସାରଣୀ ପୂରଣ କର ।

| ବିଷୟ | ପ୍ରଥମ ଏକକ ପରୀକ୍ଷଣରେ ପାଇଥିବା ନମ୍ବର | ଦ୍ୱିତୀୟ ଏକକ ପରୀକ୍ଷଣରେ ପାଇଥିବା ନମ୍ବର | ତୃତୀୟ ଏକକ ପରୀକ୍ଷଣରେ ପାଇଥିବା ନମ୍ବର | ଚତୁର୍ଥ ଏକକ ପରୀକ୍ଷଣରେ ପାଇଥିବ ନମ୍ବର |
|---|---|---|---|---|
| ଗଣିତ | | | | |
| ବିଜ୍ଞାନ | | | | |

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

(କ) ଧବଳ କେଉଁ ଏକକ ପରୀକ୍ଷଣରେ ଗଣିତରେ ସବୁଠାରୁ ଅଧିକ ନମ୍ବର ଓ କେଉଁ ଏକକ ପରୀକ୍ଷଣରେ ସବୁଠାରୁ କମ ରଖିଛି ?

(ଖ) ଧବଳ କେଉଁ ଏକକ ପରୀକ୍ଷଣରେ ବିଜ୍ଞାନରେ ସବୁଠାରୁ ଅଧିକ ନମ୍ବର ଓ କେଉଁ ଏକକ ପରୀକ୍ଷଣରେ ସବୁଠାରୁ କମ ରଖିଛି ?

(ଗ) ଉରୋଟିଯାକ ପରୀକ୍ଷଣରେ ସେ ଗଣିତରେ ମୋଟ କେତେ ନମ୍ବର ରଖିଛି ?

(ଘ) ଉରୋଟିଯାକ ପରୀକ୍ଷଣରେ ସେ ବିଜ୍ଞାନରେ ମୋଟ କେତେ ନମ୍ବର ରଖିଛି ?

୨.  ଗୋଟିଏ ସପ୍ତାହରେ ବିଭିନ୍ନ ଦିନରେ ଶ୍ରେଣୀରେ ଉପସ୍ଥିତ ଥିବା ପିଲାସଂଖ୍ୟାକୁ ଚିତ୍ରଲେଖରେ ଦର୍ଶାଯାଇଛି ।




(ଚାରି ଜଣ ପିଲାଙ୍କ ପାଇଁ (face picture) ଚିତ୍ର ଦିଆଯାଇଛି)

ଏହି ଚିତ୍ରଲେଖରେ ଦିଆଯାଇଥିବା ତଥ୍ୟକୁ ନେଇ ସ୍ତମ୍ଭଲେଖ ପ୍ରସ୍ତୁତ କର ।

**ତୁମ ପାଇଁ କାମ**



- ତୁମେ ଗୋଟିଏ ଦିନରେ କେଉଁ କାମରେ କେତେ ସମୟ ବିନିଯୋଗ କରିଥାଅ ହିସାବ କର । (ପ୍ରତ୍ୟେକ କାମ ପାଇଁ ସମୟକୁ ପୂର୍ଣ୍ଣ ଘଣ୍ଟାରେ ପ୍ରକାଶ କର, ଯେପରି– ୨ଘଣ୍ଟା ବା ୪ ଘଣ୍ଟା)


| କାର୍ଯ୍ୟର ନାମ | ସମୟ |
|---|---|
| ଶୋଇବା | ________ଘଣ୍ଟା |
| ଖାଇବା | ________ଘଣ୍ଟା |
| ବିଦ୍ୟାଳୟରେ ରହିବା | ________ଘଣ୍ଟା |
| ଖେଳିବା | ________ଘଣ୍ଟା |
| ଘରେ ପଢିବା | ________ଘଣ୍ଟା |
| ଅନ୍ୟାନ୍ୟ କାର୍ଯ୍ୟ | ________ଘଣ୍ଟା |

ଏହି ତଥ୍ୟକୁ ସ୍ତମ୍ଭଲେଖରେ ପ୍ରକାଶ କର ।

ମନେରଖ– ସମସ୍ତ କାମ ପାଇଁ ବିନିଯୋଗ କରିଥିବା ସମୟର ପରିମାଣର ସମଷ୍ଟି ୨୪ ଘଣ୍ଟା ହେଉଥିବ ।

## ବିଭିନ୍ନ ଚିତ୍ରରେ ସଂରଚନା

- ତଳେ ଦିଆଯାଇଥିବା ଶାଢ଼ିଧଡ଼ିକୁ ଲକ୍ଷ୍ୟକର ।




ଏଥିରେ କେଉଁ ଚିତ୍ରଗୁଡ଼ିକ ଥିବାର ଲକ୍ଷ୍ୟକରୁଛ ? କେଉଁ ଚିତ୍ରଗୁଡ଼ିକ ଶାଢ଼ିଧଡ଼ିରେ ବାରମ୍ବାର ବ୍ୟବହାର ହୋଇଛି ?

ତୁମେ ଏହି ଚିତ୍ରକୁ ଦେଖି ସେହିଭଳି ଚିତ୍ରଟିଏ ତିଆରି କର ।

- ବିଭିନ୍ନ ପର୍ବପର୍ବାଣୀରେ ତୁମଘରେ ଓ ତୁମ ପଡ଼ୋଶିଙ୍କ ଘରେ ଝୋଟି ପଡ଼ିଥିବାର ଦେଖିଥିବ । ତଳେ ଦିଆଯା
ଝୋଟି ଚିତାକୁ ଲକ୍ଷ୍ୟକର ।





ଏହି ଚିତାରେ ସଂରଚନା ଲକ୍ଷ୍ୟକରୁଛ କି ? ତୁମେ ଏହିଭଳି ଚିତା ଆଙ୍କିବାକୁ ଚେଷ୍ଟାକର ।

- ତଳେ ଦିଆଯାଇଥିବା ଚିତ୍ରକଳା ଦୁଇଟିକୁ ଲକ୍ଷ୍ୟକର । ଏଥିରେ କୌଣସି ସଂରଚନା ଦେଖୁଛ କି ?






ତୁମେ ମନରୁ ଭାବି ଏହିଭଳି ଆଉ ଦୁଇଟି ଚିତ୍ର ତିଆରି କର ।



ImageScan


INDIAN ARMY
An extraordinary life
A life full of adventure, honour and glory
Where you are one among a million,
and one in a million.
Be The Best
Join Indian Army
www.joinindianarmy.nic.in



An extraordinary life'
A life full of adventure, honour and glory
Where you are one among a million,
and one in a million.
Be The Best
Join Indian Army
www.joinindianarmy.nic.in

ଏହି ପାଠ୍ୟପୁସ୍ତକ ସର୍ବଶିକ୍ଷା ଅଭିଯାନ ତରଫରୁ ତଫସିଲଭୁକ୍ତ ଜାତି ଓ ଉପଜାତିର ଛାତ୍ର, ଛାତ୍ରୀ ଏବଂ ସାଧାରଣ ବର୍ଗର ଛାତ୍ରୀମାନଙ୍କ ମଧ୍ୟରେ ବିନାମୂଲ୍ୟରେ ବିତରଣପାଇଁ ଉଦ୍ଦିଷ୍ଟ । ଏହା ବିକ୍ରୟ କରାଯାଇପାରିବ ନାହିଁ । ସାଧାରଣ ବର୍ଗର ଛାତ୍ରମାନଙ୍କୁ ମଧ୍ୟ ଓଡ଼ିଶା ସରକାରଙ୍କ ତରଫରୁ ବିନା ମୂଲ୍ୟରେ ଦିଆଯାଉଛି ।

## ସର୍ବଶିକ୍ଷା ଅଭିଯାନ

ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

ଓଡ଼ିଶା ସରକାର